

# ଆମ ଘରର କାହାଣୀ

ଆମେ ପାରିବା

ମହିଳାମାନଙ୍କ ପ୍ରତି ହେଉଥିବା ସମସ୍ତ ହିଂସାର ବିଲୋପ

## କ'ଣ ଆପଣମାନେ ଜାଣନ୍ତି କି - ଭାରତରେ ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାରର ମୁଖ୍ୟ ସ୍ଥାନ ହିଁ ଘର ଅଟେ ।

ଆଜି ଭାରତରେ:

- ଅନ୍ତରାଷ୍ଟ୍ରୀୟ ମହିଳା ଅନୁସନ୍ଧାନ କେନ୍ଦ୍ର (ICRW) ଦ୍ୱାରା ଏକ ରାଷ୍ଟ୍ରବ୍ୟାପି ସର୍ବେକ୍ଷଣରୁ ଜଣାଯାଏ କି 52% ମହିଳାମାନେ ନିଜ ଜୀବନ କାଳରେ କମ୍ ସେ କମ୍ ଥରେ ମାନସିକ କିମ୍ବା ଶାରୀରିକ ନିର୍ଯାତନାର ଶିକାର ହୋଇଥାନ୍ତି ।

- ICRW ତଥା INCLEN (2000) ର ଏକ ଅଧ୍ୟୟନରୁ ଜଣାଯାଇଛି ଯେ, ନିର୍ଯ୍ୟାତିତା ମହିଳାମାନଙ୍କ ମଧ୍ୟରୁ 75% ପରିବାରର ସମ୍ମାନ ଚିନ୍ତା କରି କାହାର ସାହାଯ୍ୟ ନିଅନ୍ତି ନାହିଁ ।

- କେବଳ ଆମ ଦେଶରେ ପ୍ରତି 6 ଘଣ୍ଟା ରେ ଏକ ବିବାହିତା ଝିଅକୁ ଜିଅନ୍ତା ଜଳାଇ ଦିଅନ୍ତି, ଆତ୍ମଘାତୀ ଆକ୍ରମଣର ଶିକାର ହୁଅନ୍ତି କିମ୍ବା ଆତ୍ମହତ୍ୟା କରିବା ପାଇଁ ବାଧ୍ୟ ହୁଅନ୍ତି ।

- UNICEF (2006) ର ଏକ ଅଧ୍ୟୟନ ଦର୍ଶାଏ ଯେ, କେବଳ ଭାରତରେ ହିଁ ପ୍ରାୟ 6.9 କୋଟି ପିଲାମାନେ ନିଜ ଘରେ ନିର୍ଯ୍ୟାତନାର ଶିକାର ହୋଇଥାନ୍ତି । ଏହା ସତ ଯେ, ନିର୍ଯ୍ୟାତନାର ସବୁଠାରୁ ବେଶୀ ଶିକାର ପରିବାରର ସବୁଠାରୁ ଛୋଟ ମାନେ ହିଁ ହୁଅନ୍ତି ।

ଆମେ ମହିଳାମାନଙ୍କୁ ଆଗକୁ ବଢ଼ିବା ପାଇଁ ସଚେତନ କରୁଥିବା ବେଳେ ଅପରପଟେ ଦେଖାଯାଉଛି ଆମ ସହରରେ, ବିଭିନ୍ନ ଅତ୍ୟାଚାରର ଓ ନିର୍ଯ୍ୟାତନକୁ ସାମ୍ନା କରି 4 କୋଟି ମହିଳା ଆଉ ନାହାନ୍ତି ।

**ଆମର ଚତୁପାର୍ଶ୍ୱ - ପରିବାର, ଗାଁ, ସହର, ଅଫିସ୍, କଲେଜରେ ଏହିପରି ନିର୍ଯ୍ୟାତନା ହେଉଛି ଏବଂ ଆମେମାନେ ଚୁପ ରହୁ ।**
**ଯଦି ଆମେମାନେ ଚାହିଁବା, ସମସ୍ତେ ମିଳିମିଶି ଏହି ନିର୍ଯ୍ୟାତନାର ପରି ସମାପ୍ତି ଘଟାଇ ପାରିବ ।**

## ହଁ ଆମେ ପାରିବା!



ମୁଁ ମୁନା ଏବଂ ଇଏ ମୋର ସ୍ତ୍ରୀ ନିଲୁ, ଆଉ ଆମ ସାଥିରେ
ଅଛନ୍ତି ଆମର ଦୁଇଟି ପିଲା ପପୁ ଓ ମୀନା



ଆମର ପରିବାର ମଧ୍ୟ ଆପଣମାନଙ୍କ ପରିବାର ଭଳି ଅଟେ ।
ସେଇ ଖୁସି ସେଇ କଥା ସେଇ ଚିନ୍ତା ।



ଯେତେବେଳେ ନିଲୁ ଓ ମୋର ବାହାଘର ହେଲା, ଆମେ ନିଜର ସଂସାର କଲୁ ଏବଂ ଖୁସିରେ ରହିଲୁ । ଯେମିତିକି ଦୁନିଆଁର ସବୁ ଖୁସି ଆମ ସାଥିରେ ଆମ ଘରକୁ ଆସିଲା ।




କିନ୍ତୁ ସେମିତି କିଛି ନଥିଲା । କିଛି ମାସ ପରେ ଆମ ସଂପର୍କରେ ଫାଟ ସୃଷ୍ଟି ହେଲା । କେଜାଣି କାହିଁକି ମତେ ଏମିତି ଲାଗିଲା କି ସେ ମୋର ନିୟନ୍ତ୍ରଣରୁ ବାହାରି ଯାଉଛି ।




ଦିନେ ଯେତେବେଳେ ସିଏ ମୋ ପାଇଁ ଖାଇବା ବାଢ଼ିଲା, ମୋତେ ଭଲ ଲାଗିଲା ନାହିଁ । ଲାଗିଲା ଯେମିତି କି ଏଇ ଘର ତାକୁ ଆଉ ପସନ୍ଦ ନଥିଲା । ବୋଧହୁଏ ସେଇଥି ପାଇଁ କୁହନ୍ତି, ଯେ ମହିଳାମାନଙ୍କୁ ବେଶି ସ୍ୱାଧୀନତା ଦେବା ଉଚିତ୍ ନୁହେଁ ।




ତୋର ଏତେ ସାହସ? ମୋ ମୁହଁରେ ଜବାବ୍?




ବହୁତ ହୋଇଗଲା... ମୁଁ ବି ଚୁପ୍ ବସିଲିନି...



ରାତିରେ ଯେତେବେଳେ ସିଏ ମନାକଲା,
ମୋତେ ଜବରଦସ୍ତି କରିବାକୁ ପଡ଼ିଲା ।




ଦିନେ ନିଲୁର ଭାଇ ତାକୁ ଦେଖା କରିବାକୁ ଆସିଲା...




ଯେତେବେଳେ ସେ ତା ଭାଇ ସାଥିରେ ଯିବାକୁ ବାହାରିଲା
ମୁଁ ତାକୁ ମନାକଲି । ଆଉ ସେମିତି ଅଶାନ୍ତିରେ ଦିନ ବଢ଼ି ଚାଲିଲା ।




ଦିନ ରାତି ଏହି ଅଶାନ୍ତି ମୋତେ ବ୍ୟସ୍ତ କରିଦେଲା...




**ଦିନେ ରାଜୁଭାଇ ଦେଖାହେଲେ, ମୁଁ ତାଙ୍କୁ ମୋ ମନ କଥା କହିଲି...**




**ରାଜୁର କଥାମୋତେ ଆଘାତ କଲା...**




**ତା'ପରଦିନ ରାଜୁଭାଇ ମୋତେ ଅନ୍ୟ ଲୋକମାନଙ୍କ ସହ ଦେଖା କରାଇଲା...**




**ତାଙ୍କର କଥା ଗୁଡ଼ିକ ମୋତେ ମୋର ସମ୍ପର୍କକୁ ଏକ ନୂଆ ରୂପରେ ଦେଖିବାକୁ ବାଧ୍ୟ କଲା...**




ମୁଁ ନିଜ ଘରେ ଶାନ୍ତିର ପରିବେଶ ଫେରାଇ ଆଣିବାକୁ ଚିନ୍ତା କଲି... ମୁଁ ନିଲୁର ଚିନ୍ତାଧାରା, ତା'ର ଇଚ୍ଛା ଏବଂ କଥାକୁ ସମ୍ମାନ କରିବାକୁ ଲାଗିଲି ।



ଏବେ ମୁଁ ନିଲୁକୁ ବୁଝି ପାରୁଛି । ସବୁ ମଣିଷଙ୍କ ପରି ତାକୁ
ମଧ୍ୟ ତା'ର ସ୍ୱପ୍ନ, ତାର ସ୍ୱାଧୀନତା ଭଲ ଲାଗେ ।



ଏହି ଘର ଏବେ ଆମେ ଦୁଇଜଣ ମିଳିମିଶି ଚଳାଉଛୁ ।
ସେ ଗାଁର କିଛି ମହିଳାମାନଙ୍କ ସହିତ ମିଶି ଏକାଠି ଟଙ୍କା
ଜମାକରିବାର ଯୋଜନା ମଧ୍ୟ ଆରମ୍ଭ କରିଛି ।




ଏବେ କିଛି ଦିନ ତଳର କଥା,
ଆମେ ସମସ୍ତେ ଏକାଠି ସିନେମା ଦେଖି ଯାଇଥିଲୁ!




ଏବେ ମନଖୋଲି ଆମେ ସବୁ କଥା ବାର୍ତ୍ତା ହେଉଛୁ ।
ସ୍ୱାମୀ-ସ୍ତ୍ରୀ ହେବା ସଙ୍ଗେ ସଙ୍ଗେ ଆମେ ଭଲ
ସାଙ୍ଗ ମଧ୍ୟ ହୋଇ ପାରିଛୁ ।




ଆଉ ଆଜିକାଲି ନିଲୁ ମଧ୍ୟ ସିଲେଇ ବୁଣାବୁଣି କାମ କରି
ଅଳ୍ପ କିଛି ରୋଜଗାରର ବ୍ୟବସ୍ଥା କରି ସାରିଲାଣି ।



ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଯଦି ପ୍ରେମ, ବୁଝାମଣା ଏବଂ
ପରସ୍ପର ପ୍ରତି ସମ୍ମାନ ରହେ ତେବେ ଜୀବନ ଆହୁରି
ସୁନ୍ଦରମୟ ହୋଇଯାଏ ।



ଏବେ ଆମେ ପୂର୍ବପରି ପୁରା ପୁରି ଖୁସି ଏବଂ ଶାନ୍ତିରେ ରହୁଛୁ ।
ଯଦି ଆମେ ଚାହିଁବା ଆମେ ନିଜେ ହିଁ ବୁଝାମଣା, ସ୍ନେହ ଏବଂ ଦାୟିତ୍ୱ
ଦ୍ୱାରା ନିଜର ସମ୍ପର୍କକୁ ମଜବୁତ ଏବଂ ହିଂସା ମୁକ୍ତ କରି ପାରିବା



ଆଜି ଆମର ପରିବାର ହିଂସାମୁକ୍ତ ଅଟେ ।

ଆଜି ମୁନା ଭାଇ ମଧ୍ୟ ଆମ କାର୍ଯ୍ୟକ୍ରମର ଜଣେ ସକ୍ରିୟ ସଦସ୍ୟ ହୋଇ ସାରିଛନ୍ତି । ସିଏ ମଧ୍ୟ ନିଜ ଅଞ୍ଚଳ ଏବଂ ଆଖପାଖ ମହିଳାମାନଙ୍କ ଉପରେ ହେଉଥିବା ନିର୍ଯ୍ୟାତନାର ଚର୍ଚ୍ଚା ମାଧ୍ୟମରେ ଲୋକମାନଙ୍କୁ ବୁଝାଉଛନ୍ତି । ଏହା ସମ୍ଭବ ଅଟେ!

## ‘ଆମେ ପାରିବା’ ଅଭିଯାନ କ’ଣ ଅଟେ?

- ‘ଆମେ ପାରିବା–ମହିଳାମାନଙ୍କ ପ୍ରତି ହେଉଥିବା ସମସ୍ତ ହିଂସାର ବିଲୋପ’, ଦକ୍ଷିଣ ଏସିଆର 6 ବର୍ଷିୟ କ୍ଷେତ୍ରୀୟ ଅଭିଯାନ, ଅଟେ, ଯେଉଁଥିରେ ଏହି କ୍ଷେତ୍ରରେ ଛଅଟି ଦେଶ– ବାଙ୍ଗଲାଦେଶ, ଶ୍ରୀଲଙ୍କା, ନେପାଳ, ପାକିସ୍ଥାନ ଏବଂ ଆଫଗାନିସ୍ତାନରେ ରେ ମହିଳାମାନଙ୍କ ପ୍ରତି ଲିଙ୍ଗଗତ ଭେଦଭାବର ମୂଳ କାରଣକୁ ଦୂର କରିବା ତଥା ସେମାନଙ୍କ ପ୍ରତି ସବୁ ପ୍ରକାର ଅତ୍ୟାଚାରକୁ ସମାପ୍ତ କରିବା ପାଇଁ ଚେଷ୍ଟା କରାଯାଉଛି ।
- ଏହି ଅଭିଯାନ 50 ଲକ୍ଷ ‘ପରିବର୍ତ୍ତନ ପ୍ରେରକ’ ଜରୀଆରେ ଦକ୍ଷିଣ ଏସିଆରେ 5 କୋଟି ଲୋକମାନଙ୍କ ପାଖରେ ପହଁଚିବା ପାଇଁ କାମ କରୁଛି । କାହିଁକି ନା ଏହାର ବିଶ୍ୱାସ ଲୋକମାନେ ହିଁ ଲୋକମାନଙ୍କୁ ପ୍ରଭାବିତ କରି ପାରିବେ ଏବଂ ତାଙ୍କର ବିଚାରଧାରା ଓ ଦୃଷ୍ଟିକୋଣରେ ପରିବର୍ତ୍ତନ ଆଣି ପାରିବେ ।
- ଭାରତରେ ଏହି ଅଭିଯାନ ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ଉତ୍ତରାଞ୍ଚଳ, ରାଜସ୍ଥାନ, ଗୁଜୁରାଟ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ଦିଲ୍ଲୀ, ପଶ୍ଚିମବଙ୍ଗ, ଓଡ଼ିଶା, ଝାଡ଼ଖଣ୍ଡ ଏବଂ ତାମିଲନାଡୁରେ ଚାଲିଛି ।

## ପରିବର୍ତ୍ତନ ପ୍ରେରକ କେଉଁ ପ୍ରକାରର ହୋଇପାରିବେ?

- ଯେ କୌଣସି ବ୍ୟକ୍ତି ଯିଏ ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ସମ୍ବନ୍ଧିତ ନିଜର ବିଚାର ଏବଂ ବ୍ୟବହାରକୁ ବଦଳାଇବା ତଥା ଅନ୍ୟ ଦଶ ଜଣ ଲୋକଙ୍କୁ ମଧ୍ୟ ଏହିପରି କରିବା ପାଇଁ ପ୍ରଭାବିତ କରିବାକୁ ଚେଷ୍ଟା କରେ ।
- ଏମିତି ଲୋକ ସିଏ ନିଜ କାର୍ଯ୍ୟ (ସ୍କୁଲ୍‌ରେ, କାର୍ଯ୍ୟାଳୟରେ, ସରକାରୀ ସଂସ୍ଥାମାନଙ୍କରେ, କାରଖାନାରେ, ଚିକିତ୍ସା କେନ୍ଦ୍ର ଆଦିରେ) ସମୟରେ ନିଜର ସହକର୍ମୀ ଓ ଗ୍ରାହକ ମାନଙ୍କୁ ପ୍ରଭାବିତ କରିବାର ପ୍ରୟାସ ବା ଚେଷ୍ଟା କରେ ।

## ପରିବର୍ତ୍ତନ ପ୍ରେରକ କେଉଁ କାମ କରିବେ?

ଆରମ୍ଭରେ, ପରିବର୍ତ୍ତନ ପ୍ରେରକମାନେ ମହିଳାମାନଙ୍କ ବିରୁଦ୍ଧରେ ହେଉଥିବା ଅତ୍ୟାଚାରର ସମାପ୍ତ କରିବା ପାଇଁ ବାର୍ତ୍ତା ଏପରି ବ୍ୟକ୍ତିମାନଙ୍କ ମଧ୍ୟରେ ପ୍ରଚାରିତ କରିବା ପାଇଁ ପ୍ରୋତ୍ସାହିତ କରିବେ ଯେଉଁ ମାନଙ୍କୁ ସେମାନେ ଜାଣନ୍ତି । ଏହି ବିଷୟରେ ସେମାନେ ନିଜର ସଚେତନତା ବଢ଼ାଇବା ପାଇଁ ମଧ୍ୟ ସେମାନଙ୍କୁ ପ୍ରୋତ୍ସାହିତ କରିବେ । ଯେତେ–ଯେତେ ଅଭିଯାନ ଆଗକୁ ବଢ଼ି ଚାଲିବ ଆହୁରି ଅଧିକ ପରିବର୍ତ୍ତନ ପ୍ରେରକ ଯୋଗ ଦେବାରେ ଲାଗିବେ ସେମାନେ ନିମ୍ନଲିଖିତ ଉପାୟରେ ଅନ୍ୟମାନଙ୍କୁ ପ୍ରଭାବିତ କରିବାକୁ ସକ୍ଷମ ହୋଇଥିବେ:

- ନିଜ ସମୁଦାୟରେ ଲିଙ୍ଗ ଆଧାରିତ କାର୍ଯ୍ୟକଳାପ, ପାର–ରିକ ଧାରଣା ଏବଂ ବ୍ୟବହାରର ଉଚିତ୍ ମୁକାବିଲା କରିବା ।
- ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାରର ସାର୍ବଜନୀକ ଭାବେ ବିରୋଧ କରିବା ।
- ଅତ୍ୟାଚାରକୁ ସାମନା କରୁଥିବା ମହିଳାମାନଙ୍କୁ ସମର୍ଥନ କରିବା ।

ପରିବର୍ତ୍ତନ ପ୍ରେରକ ଛୋଟ–ଛୋଟ ଚେଷ୍ଟା ମାଧ୍ୟମରେ ପରିବର୍ତ୍ତନ ଆଣିବାର ପ୍ରୟାସ କରି ପାରିବେ:

- ନିଜେ ନିଜର ଚିନ୍ତାଧାରାରେ ପରିବର୍ତ୍ତନ ଆଣିବା ।
- ଏମିତି ଲୋକ ଯିଏ ନିଜ କାର୍ଯ୍ୟ (ସ୍କୁଲ୍‌ରେ, କାର୍ଯ୍ୟାଳୟରେ, ସରକାରୀ ସଂସ୍ଥାମାନଙ୍କରେ, କାରଖାନାରେ, ଚିକିତ୍ସା କେନ୍ଦ୍ର ଆଦିରେ) ନିଜର ସହକର୍ମୀ ଓ ଗ୍ରାହକମାନଙ୍କୁ ପ୍ରଭାବିତ କରିବାର ପ୍ରୟାସ ବା ଚେଷ୍ଟା କରେ ।
- ଅନ୍ୟ ଲୋକମାନଙ୍କୁ ଅତ୍ୟାଚାରର ଏବଂ ଲିଙ୍ଗ–ପକ୍ଷପାତର ବିଭିନ୍ନ ସ୍ୱରୁପକୁ ଚିହ୍ନେଇବା ପାଇଁ ପ୍ରୋତ୍ସାହିତ କରିବା ।
- ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିବା ପାଇଁ ସମୁଦାୟର ପ୍ରଭାବଶାଳୀ ଲୋକମାନଙ୍କୁ ଅଭିଯାନରେ ସାମିଲ କରିବା ।

**ପରିବର୍ତ୍ତନ ପ୍ରେରକ ହେବା ପାଇଁ**
**ନିମ୍ନଲିଖିତ ଠିକଣାରେ ସମ୍ପର୍କ କରନ୍ତୁ ।**

(କ୍ଷେତ୍ରୀୟ ସଂସ୍ଥାର ନାମ ଏବଂ ଠିକଣା)

## ଛୋଟ-ଛୋଟ ଚେଷ୍ଟା
## ଆଣିପାରିବ ବଡ଼ରୁ ବଡ଼
## ଧରଣର ପରିବର୍ତ୍ତନ!

**ଆମେ ପାରିବା**

**ମହିଳାମାନଙ୍କ ପ୍ରତି ହେଉଥିବା ସମସ୍ତ ହିଂସାର ବିଲୋପ**


ରିଜିଓନାଲ୍ କ୍ୟାେ–ନ୍ ସେକ୍ରେଟେରିଏଟ୍
ଦ୍ୱାରା ସାଉଥ୍ ଏସିଆ ରିଜୋନାଲ୍ ସେଣ୍ଟର
ଅକ୍ସଫେମ୍ (ଇଣ୍ଡିଆ) ଟ୍ରଷ୍ଟ,
27, କମ୍ୟୁନିଟି ସେଣ୍ଟର, ଇଷ୍ଟ ଅଫ୍ କୈଳାଶ
ନୂଆ ଦିଲ୍ଲୀ–110 065, ଭାରତ
ଦୂରଭାଷ: +91(0)114239 6000
ଫ୍ୟାକ୍ସ: +91(0) 114239 6099
ଇ–ମେଲ୍: seceretariat@ wecanendvaw.org
www.wecanendvaw.org



Illustrations by Marco Tibasima

Supported by:

European Union